ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1481/21-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୧ ମାର୍ଚ୍ଚ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ମୋ କଲେଜ ଅଭିଯାନ ଆରମ୍ଭ କରିବା ସହ ଭର୍ଚୁଆଲ ପ୍ଲାଟଫର୍ମରେ ୱେବ୍‌ପୋର୍ଟାଲ୍ ଲୋକାର୍ପଣ କରଛନ୍ତି ଏବଂ ସମଗ୍ର ବିଶ୍ୱରେ ଥିବା ଓଡ଼ିଆ ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ମାତୃଭୂମିରେ ଥିବା ସେମାନଙ୍କ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନଃର୍ନିମାଣରେ ସହଯୋଗୀ ଶକ୍ତି ହେବାକୁ ଆହ୍ୱାନ ଦେଇଛନ୍ତି । ଉଚ୍ଚଶିକ୍ଷାର ଗଠନ ତଥା କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ଲାଇଭ୍ ଷ୍ଟ୍ରିମ୍ ମାଧମରେ ସଂଯୁକ୍ତ ହୋଇଥିବା ବିଭିନ୍ନ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭ୍ୟ ଏବଂ ସମଗ୍ର ବିଶ୍ୱର ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରି କହିଛନ୍ତି ଯେ ଏହି ଅଭିଯାନ ଓଡ଼ିଆ ଆଲୁମିନିମାନଙ୍କୁ ଭାବପ୍ରବଣତା ସହିତ ବିନିଯୋଗ କରିବା ପାଇଁ ଏକ ମଞ୍ଚ ଏବଂ ଆମ କଲେଜ୍ ଦିନର ସ୍ମୃତିର ରୋମନ୍ଥନଠୁ ଅଧିକ ଲାଭପ୍ରଦ କିଛି ନାହିଁ । ସେ ଆହୁରି ମଧ କହିଛନ୍ତି ଯେ ଏହି ଅଭିଯାନ କେବଳ ଛାତ୍ରମାନଙ୍କ ପାଇଁ ସୀମିତ ନୁହେଁ । ଅଣ-ଆଲୁମିନି ସମାଜସେବୀ, ଦାନଶୀଳ ସଂଗଠନ, ଗୋଷ୍ଠୀ ଏବଂ ଅନୁଷ୍ଠାନ ମଧ ଏହି ଅଭିଯାନର ଅଂଶ ହୋଇପାରିବ ବୋଲି ସେ କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ପାଇଁ ମିଶନର ପ୍ରଚେଷ୍ଟା କରିବ ଏବଂ ଏହା ରାଷ୍ଟ୍ରନିର୍ମାଣ, ଦକ୍ଷତା ବିକାଶ ଏବଂ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହନ କରିବ, ଯାହା ଦ୍ୱାରା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧୟନ ପାଇଁ ଏକ ଅଭିନବ ତଥା ରୋମାଞ୍ଚକର ସ୍ଥାନ ହୋଇପାରିବ । ସେ ଆହୁରି ମଧ କହିଛନ୍ତି ଯେ ଆମେ ସମସ୍ତେ ନିଜ ନିଜ ଶିକ୍ଷାନୁଷ୍ଠାନକୁ ଫେରାଇବାର ଆନନ୍ଦ ଅନୁଭବ କରିବା ଉଚିତ, ଯେଉଁଠାରେ ଆମେ ଆମର ଯୌବନର ଅତ୍ୟନ୍ତ ମୂଲ୍ୟବାନ ସମୟ ଅତିବାହିତ କରିଥିଲା ଏବଂ ଆମ ଭବିଷ୍ୟତ ନିର୍ମାଣ କରିଥିଲୁ ।

  - ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା ଡ. ଅରୁଣ କୁମାର ସାହୁ,  ମୋ କଲେଜ ଅଭିଯାନର ଅଧକ୍ଷ ଶ୍ରୀ ଆକାଶ ଦାସ ନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ କବିତା ଦିବସ ଅବସରରେ କହିଛନ୍ତି ଯେ ମଣିଷ ମନର ସୃଜନଶୀଳତାକୁ ପରିପ୍ରକାଶ କରିବା ସହ ଭାଷା ଓ ସଂସ୍କୃତିର ସୁରକ୍ଷା ଦିଗରେ କବିତାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଆ କାବ୍ୟଜଗତକୁ ଋଦ୍ଧିମନ୍ତ କରିଥିବା ସମସ୍ତ କବିମାନଙ୍କୁ ହୃଦୟରୁ ସମ୍ମାନ ଜଣାଇବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଆମ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମହାନ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖପ୍ରକାଶ କରିଛନ୍ତି । ଓଡ଼ିଶୀ କୁ ସୃମଦ୍ଧ କରିବା ଦିଗରେ ତାଙ୍କର ଅତୁଳନୀୟ ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି ପ୍ରକାଶ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ପଜିଟିଭ୍ ଚିହ୍ନିତ ହୋଇ ମାନ୍ୟବର ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଚିକିତ୍ସିତ ହେଉଥିବାରୁ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଆଶୁ ଆରୋଗ୍ୟ ସହ ଦୀର୍ଘ ଜୀବନ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନେକ ଅସୁବିଧା ସତ୍ତ୍ୱେ ସୁନ୍ଦରଗଡ଼ର ବାସନ୍ତି ସିଂ ତାଙ୍କ କୃଷକ ଉତ୍ପାଦକ ସଂଗଠନ ମାଧ୍ୟରେ ଜିଲ୍ଲାର ଶହ ଶହ ଉପେକ୍ଷିତ କୃଷକମାନଙ୍କ ପାଇଁ ଚାଷକୁ ଲାଭଦାୟକ କରିପରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୭,୮୮,୮୪୪ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୮,୮୧୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୬, ୦୬୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୯ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୭୯ ରହିଛି ।
- ୭୭୯ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**